ପ୍ରେସ୍ ନୋଟ୍

# ଜିଲ୍ଲା ଖଣିଜ ପାଣ୍ଠିର ୮ମ ବୋର୍ଡ ଅଫ୍ ଟ୍ରଷ୍ଟିର ବୈଠକ ଅନୁଷ୍ଠିତ -

## ପାଣ୍ଠିର ସଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ।

ଅନୁଗୋଳ, ତା,୧୨.୧୧:- ଖଣି ପ୍ରଭାବିତ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଉନ୍ନତି ଓ କଲ୍ୟାଣ ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଖଣିଜ ପାଣ୍ଠିର ୮ମ ବୋର୍ଡ ଅଫ୍ ଟ୍ରଷ୍ଟ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା ଓ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଜିଲ୍ଲା ଖଣିଜ ପାଣ୍ଠିର ନିୟମାବଳୀକୁ ଅନୁସରଣ କରି ଚଳିତ ବର୍ଷ ପାଇଁ ବିଭିନ୍ନ ଅଗ୍ରାଧିକାର କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର କାର୍ଯ୍ୟକାରୀତା ସମ୍ପର୍କରେ ଲୋକମାନଙ୍କର ଆବଶ୍ୟକତାକୁ ନେଇ ଏକ ସହଭାଗିତା ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ମଂଜୁର ହୋଇ କାର୍ଯ୍ୟକାରୀ ହୋଇ ନ ଥିବା ଯୋଜନା ଗୁଡିକୁ ତୁରନ୍ତ ଶେଷ କରି ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ୨୦୧୫-୧୬ ରୁ କାର୍ଯ୍ୟକାରୀ ହୋଇଆସୁଥିବା ଏହି ଜିଲ୍ଲା ଖଣିଜ ପାଣ୍ଠିରେ ଅଦ୍ୟାବଧି ୧୫୧୯.୨୨ କୋଟି ଅନୁଦାନ ପ୍ରାପ୍ତ ହୋଇ ୧୫୪୧ କୋଟି ଟଂକାର ବିଭିନ୍ନ ପ୍ରକଳ୍ପ ମଂଜୁର ହୋଇଛି । ବିଭାଗ ଗୁଡିକୁ ଦିଆଯାଇଥିବା ପ୍ରକଳ୍ପଗୁଡିକର ବ୍ଲକ୍ ଅନୁଯାୟୀ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପର ସବିଶେଷ ତଥ୍ୟ ପ୍ରଦାନ କରିବା ସହ ଜିଲ୍ଲା ଖଣିଜ ପାଣ୍ଠିର ପ୍ରକୃତ ଉଦ୍ଦେଶ୍ୟକୁ ଅନୁସରଣ କରି ଯୋଜନା କାର୍ଯ୍ୟକାରୀ କରିବାକୁ ଢେଙ୍କାନାଳ ସାଂସଦ ପରାମର୍ଶ ଦେଇଥିଲେ । ଜିଲ୍ଲାର ସାମୁହିକ ବିକାଶ ଓ ଜନକଲ୍ୟାଣକୁ ଦୃଷ୍ଟିରେ ରଖି ଏହି ଅର୍ଥକୁ ଖର୍ଚ୍ଚ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିରେ ନିର୍ମାଣଧିନ ମେଗା ଓ କ୍ଷୁଦ୍ର ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରି ଲୋକମାନଙ୍କୁ ପାଣି ଯୋଗାଇ ଦେବା ଉପରେ ତାଳଚେର ବିଧାୟକ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିରେ ନିୟୋଜିତ ଏଜେନ୍ସି ତାର ଦାୟିତ୍ୱ ନିଷ୍ଠାର ସହ କରି ଲୋକମାନଙ୍କ ନିକଟରେ ଏହାର ସୁଫଳ ପହଂଚାଇବା ଉପରେ ଛେଣ୍ଡିପଦା ବିଧାୟକ ଓ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ମତବ୍ୟକ୍ତ କରିଥିଲେ । ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ଯୋଜନାଗୁଡିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରି ସବିଶେଷ ତଥ୍ୟ ତୁରନ୍ତ ଜଣାଇବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ପାୱାର ପଏଣ୍ଟ ମାଧ୍ୟମରେ ପ୍ରସ୍ତୁତ ହୋଇଥିବା ଆଗାମୀ ଯୋଜନାର ରୂପରେଖ ସମ୍ପର୍କରେ ଆଲୋଚନା ହୋଇ ବିଭିନ୍ନ ପ୍ରକଳ୍ପ ମଂଜୁର କରାଯାଇଥିଲା । ଶିକ୍ଷା,ଜୀବିକା ନିର୍ବାହ,ସ୍ୱାସ୍ଥ୍ୟ ଓ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାଗୁଡିକୁ

ଅଗ୍ରାଧିକାର ଭିତ୍ତିରେ କରାଯିବା ନିମନ୍ତେ ସରକାରଂକ ଆଭିମୁଖ୍ୟ ସମ୍ପର୍କରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ବିଭିନ୍ନ ଆର୍ଥକ ବର୍ଷରେ ଜିଲ୍ଲା ଖଣିଜ ପାଣ୍ଠିକୁ ଆସିଥିବା ଅନୁଦାନର ସୁବିନିଯୋଗ ଉପରେ ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ଖଣିଜ ପାଣ୍ଠିରେ ସ୍ୱାସ୍ଥ୍ୟ ସେକ୍ଟରକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ଗୋଷ୍ଠୀ ମୋବିଲାଇଜେସନ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ । ପାଲଲହଡାର ଉପାନ୍ତ ଅଂଚଳରୁ ଡାକ୍ତରଖାନାକୁ ଆସୁଥିବା ଗର୍ଭବତୀ ଓ ରୋଗୀଣା ମା ମାନଂକ ପାଇଁ ପ୍ରତିଷ୍ଠା ହେବ ମାଟରନିଟି ବିଶ୍ରାମଗାର । ମା ଓ ଶିଶୁ ମୃତ୍ୟୁହାର କମାଇବା ନିମନ୍ତେ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦିଆଯିବ । ଅଧିକ ଚିକିତ୍ସାର ଆବଶ୍ୟକତା ସ୍ଥଳେ ଗାଡି ଯୋଗାଇ ଦିଆଯାଇ କଟକ ରେଫର କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲାର ସମସ୍ତ ଡାକ୍ତରଖାନାରେ ସୌରଶକ୍ତି ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣାରେ ଗୁରୁତ୍ୱରମାନଂକୁ ଚିକିତ୍ସା କରିବା ନିମନ୍ତେ ଟ୍ରଓମା ସେଣ୍ଟରକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଜିଲ୍ଲା ଖଣିଜ ପାଣ୍ଠିରେ ମାଇଁ ଫିଟନେସ୍ ପଲ୍ ନାମରେ ଏକ ହେଲଥ୍ ଆପ୍ ପ୍ରଚଳନ କରାଯାଇ ଡିଜିଟାଲ ହେଲଥ୍ ବ୍ୟବସ୍ଥାର ଶୁଭାରମ୍ଭ କରାଯିବ । ଆମ୍ବୁଲାନସ୍ ଓ ମୋବାଇଲ୍ ହେଲଥ୍ ଟିମ୍‌କୁ ଜି .ପି.ଏସ୍ ଟ୍ୟାଗିଙ୍ଗ୍ କରାଯିବ । ସମସ୍ତ ଡାକ୍ତରଖାନାରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଂକର ଉପସ୍ଥିତିକୁ ନେଇ ସି ସି ଟିଭି ମାଧ୍ୟମରେ ଟ୍ୟାଗ କରାଯିବାକୁ ସଦସ୍ୟମାନେ ମତବ୍ୟକ୍ତ କରିଥିଲେ । ପ୍ରଚଳିତ କାଗଜପତ୍ର ଓ ଚିଠା ପ୍ରଚଳନ ବ୍ୟବସ୍ଥା ବଦଳରେ ଡିଜିଟାଲ ହେଲଥ୍ କାର୍ଡ ପ୍ରଚଳନ କରାଯିବ । ଜିଲ୍ଲାର ଖଣି ପ୍ରଭାବିତ ବ୍ଲକ୍ ତାଲଚେର, କଣିହାଁ ଓ ଛେଣ୍ଡିପଦା ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାରେ କେନ୍ଦ୍ରୀୟ ରୋଷେଇ ବ୍ୟବସ୍ଥା ପ୍ରଚଳନ କରାଯିବ । ଗୋଟିଏ ଯାଗାରେ ରୋଷେଇ କରାଯାଇ ଉପରୋକ୍ତ ୩ଟି ବ୍ଲକର ୨୧ ହଜାର ୩୫୦ ଜଣ ଛାତ୍ର ଛାତ୍ରୀଂକୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯିବ । ବିଦ୍ୟାଳୟ ପରିସରରେ ପିଲାମାନଂକୁ ଅନ୍ୟାନ୍ୟ ଶିକ୍ଷା ଓ ସୃଜନ ମୂଳକ ପ୍ରତିଭା ପ୍ରଦର୍ଶନ ନିମନ୍ତେ ବାଲ ଚିନ୍ତା ଧାରଣା ସୃଷ୍ଟି କରାଯିବ । ଏହାଦ୍ୱାରା ପିଲାମାନେ ସେମାନଂକର ପାଠପଢା ସହ ଦକ୍ଷତା ବଢାଇପାରିବେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ୩ଟି ବିଦ୍ୟାଳୟରେ ଅତ୍ୟାଧୁନିକ ପାଠାଗାର, ସ୍ମାଟ କ୍ଲାସ ରୁମ୍ ଓ ଶତ ପ୍ରତିଶତ ବିଦ୍ୟୁତ୍‌କରଣ ଯୋଗାଇ ଦିଆଯାଇ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପ୍ରତିଷ୍ଠା ହେବ । ଏହାଛଡା ଜିଲ୍ଲାର ସମସ୍ତ ୫ଟି ଓଡିଶା ଆଦର୍ଶ ବିଦ୍ୟାଳୟରେ ମଧ୍ୟ ଏହି ସୁବିଧା ଉପଲବଧ ହେବ । ଏହି ବିଦ୍ୟାଳୟରେ ପିଲାମାନଂକୁ ନିଜ ପାଠପଢା ସହ ୨ଟି ବିଦେଶୀ ଭାଷା ଶିକ୍ଷା ଦିଆଯିବ । ସମସ୍ତ ଆଶ୍ରମ ବିଦ୍ୟାଳୟଗୁଡିକୁ ଶକ୍ତିଶାଳୀ କରାଯାଇ ୧୦୦ ଜଣ ପିଲା ବସି ଖାଇବା ଭଳି ଡାଇନିଂ ହଲ୍ ପ୍ରତିଷ୍ଠା ହେବା ସହ ପିଲାମାନଂକ ଉପସ୍ଥାନ ସଂଖ୍ୟା ବଢାଇବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଂକୁ ପରାମର୍ଶ ଦେଇଛନ୍ତି । ତାଲଚେରର ସର୍ବ ପୁରାତନ ଯୁବରାଜ ଉଚ୍ଚ ବିଦ୍ୟାଳୟକୁ ଐତିହ ବିଦ୍ୟାଳୟର ମାନ୍ୟତା ଦିଆଯାଇ ସମସ୍ତ ପ୍ରକାର ଆନୁସଂଗୀକ ସୁବିଧା ଯୋଗାଇ ଦିଆଯିବ । ୮ମରୁ ୧୦ ଶ୍ରେଣୀରେ ପଢୁଥିବା ପାଠରେ ଦୁର୍ବଳ ପିଲାମାନଂକ ଭଲ ଫଳା ଫଳ

ନିମନ୍ତେ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯିବ । ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ୮ମରୁ ୧୦ମ ଶ୍ରେଣୀର ବିଜ୍ଞାନ ଅଧ୍ୟୟନ ଛାତ୍ର ଛାତ୍ରୀମାନଂକ ପାଇଁ ଛତିଶଗଡ ଢାଞ୍ଚାରେ ହାଇବ୍ରିଡ୍ କ୍ଲାସର ବ୍ୟବସ୍ଥା କରାଯାଇ NIT,JEE,IIT ଓ ମେଡିକାଲ ପ୍ରବେଶିକା ପରିକ୍ଷାର ସମ୍ମୁଖୀନ ହୋଇ ସଫଳତା ପାଇବାର ପଦକ୍ଷେପ ନିଆଯିବ । କୃଷକମାନଂକର କୃଷିଜାତ ଦ୍ରବ୍ୟର ଦ୍ୱିଗୁଣିତ ଲାଭବାନ ପାଇଁ ଜୀବିକା ନିର୍ବାହ କାର୍ଯ୍ୟକ୍ରମରେ ୧୫୦ ରୁ ୨୦୦ ଜଣ କୃଷକଂକୁ ନେଇ କୃଷି ଉତ୍ପାଦନ କ୍ଲଷ୍ଟର ସ୍ଥାପନ ହେବ । ଦୁଗ୍ଧ ଉତ୍ପାଦନ ଓ ଏହାର ବଜାର ପାଇଁ ଓଡିଶା ମିଲେଟ୍ ମିଶନ୍ କାର୍ଯ୍ୟକାରୀ ହେବ । ଅନୁଗୋଳ ସମେତ ଆଠମଲ୍ଲିକ ଓ ତାଲଚେରରେ ଓମ୍‌ଫେଡ୍ ଦ୍ୱାରା ବଲ୍‌କ ମିଲକ କୁଲର ଗୃହର ପ୍ରତିଷ୍ଠା ହେବ । ଏହାଛଡା ଲୋକମାନଂକର ଆୟବୃଦ୍ଧି ନିମନ୍ତେ ଘରର ପଛ ପଟରେ ଥିବା ଆବଦ୍ଧ ସ୍ଥାନରେ କୁକୁଡା ଓ ଛେଳିଚାଷ କରାଯିବା ନିମନ୍ତେ ଜିଲ୍ଲା ଖଣିଜ ପାଣ୍ଠିରେ ବ୍ୟବସ୍ଥା ହୋଇଛି । ପାଲଲହଡା ଓ ଆଠମଲ୍ଲିକରେ ଟସର ଚାଷ କରାଯିବା ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ୫୦୦ ଜଣ ତୃତୀୟ ଲିଙ୍ଗୀଙ୍କ ସଶକ୍ତିକରଣ ନିମନ୍ତେ ପୋଷାକ ୟୁନିଟ୍ ସ୍ଥାପନ କରାଯିବ । ସମସ୍ତ ଅଂଗନାୱାଡି କେନ୍ଦ୍ରରେ ଏଲ୍ ପି ଜି ଗ୍ୟାସ ସଂଯୋଗ କରାଯିବା ସହ ସରକାରଂକ ବିଭିନ୍ନ ଯୋଜନାର ପ୍ରଚାର ଓ ପ୍ରସାର ନିମନ୍ତେ କମ୍ୟୁନିଟି ରେଡିଓ ସେବା ପ୍ରଚଳନ ହେବ । ଏହାଛଡା ଜିଲ୍ଲାର ୧୦୦ ଜଣ କୃତୀ ଛାତ୍ର ଛାତ୍ରୀଂକୁ ଜିଲ୍ଲା ଖଣିଜ ପାଣ୍ଠିରୁ ସ୍କଲାରସିପ୍ ପ୍ରଦାନ କରାଯିବ । ଭିନ୍ନକ୍ଷମମାନଂକ ପାଇଁ ଥଇଥାନ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ ସେମାନଂକୁ ହୁଇଲ୍ ଚେୟାର ପ୍ରଦାନ କରାଯିବ । ଜିଲ୍ଲାରେ ପ୍ରତିଷ୍ଠା ହେବ ବିଶ୍ୱ ସ୍ତରୀୟ ପାଠାଗାର ଓ କୋଇଲା ସଂଗ୍ରହାଳୟ (Black Diamond) ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ବୈଠକରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ସମୀକ୍ଷା କରାଯିବା ସହ ୩୫୦୭ଟି ପ୍ରକଳ୍ପକୁ ମଂଜୁର କରାଯାଇଥିଲା । ୨୩୩୦ଟି ପ୍ରକଳ୍ପ ସମ୍ପୁର୍ଣ୍ଣ ହୋଇଥିବାବେଳେ ୬୮୭ଟି ପ୍ରକଳ୍ପ ଚାଲୁ ରହିଛି ଓ ୪୯୦ଟି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ । ୨୦୨୧ ଫେବୃୟାରୀ ମାସ ସୁଦ୍ଧା ସମସ୍ତ ପ୍ରକଳ୍ପର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଯୋଗ ଦେଇଥିଲେ । ଏହାଛଡା ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନା କରିବା ସହ ଶେଷରେ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ ।


8TH TRUST BOARD MEETING
Of
DISTRICT MINERAL FOUNDATION, ANGUL
Date: 12th November' 2020
Venue: DRDA, Conference Hall


8TH TRUST BOARD MEETING
Of
DISTRICT MINERAL FOUNDATION, ANGUL
Date: 12th November' 2020
Venue: DRDA, Conference Hall
Status